# NATIONAL NEWS BULLETIN (ODIA)

## 11th March - 2026

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ତାମିଲ୍‌ନାଡୁର ତିରୁଚିରାପଲ୍ଲୀରେ ୫ ହଜାର ୬୫୦ କୋଟି ଟଙ୍କାର ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ।

- ଭାରତର ଅଶୋଧିତ ତୈଳ ଯୋଗାଣ ସୁରକ୍ଷିତ ରହିଥିବା ନେଇ ସରକାରଙ୍କ ସୂଚନା ।

- ପଶ୍ଚିମ ଏସିଆ ସଂଘର୍ଷ ନେଇ ରୁଷ୍ ଓ ଫ୍ରାନ୍‌ସ ପ୍ରତିପକ୍ଷଙ୍କ ସହ ଆଲୋଚନା କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- ସ୍ୱିସ୍ ଓପନ୍ ବ୍ୟାଡ୍‌ମିଣ୍ଟନ-୨୦୨୬ର ଆଜି ପ୍ରତିଦ୍ୱନ୍ଦ୍ୱିତାରେ ଆଜି ଅବତୀର୍ଣ୍ଣ ହେବେ ଭାରତୀୟ ଖେଳାଳି ।

# ପି.ଏମ୍. - ତିରୁଚିରାପଲ୍ଲୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସନ୍ଧ୍ୟାରେ ତାମିଲ୍‌ନାଡୁର ତିରୁଚିରାପଲ୍ଲୀରେ ପ୍ରାୟ ୫ ହଜାର ୬୫୦ କୋଟି ଟଙ୍କା ସମ୍ବଳିତ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଏଥିସହ ପ୍ରଧାନମନ୍ତ୍ରୀ ୨ଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍, ଗୋଟିଏ ପାସେଞ୍ଜର ଟ୍ରେନ୍ ସମେତ ୫ଟି ନୂତନ ଟ୍ରେନ୍ ସେବାର ଶୁଭାରମ୍ଭ କରିଛନ୍ତି । ସେ ନୀଳଗିରି ଏବଂ ଇରୋଡ୍ ଜିଲ୍ଲାରେ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍‌ର ସିଟି ଗ୍ୟାସ୍ ବିତରଣ ନେଟ୍‌ୱାର୍କ ପାଇଁ ୩ ହଜାର ୬୮୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ନିବେଶର ଶିଳାନ୍ୟାସ କରିଛନ୍ତି । ପ୍ରଧାନମନ୍ତ୍ରୀ ଚେନ୍ନାଇର ମନାଲିଠାରେ ୧ ହଜାର ୪୯୦ କୋଟି ଟଙ୍କା ନିବେଶରେ ବାର୍ଷିକ ୬୭୨ ହଜାର ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲ୍ୟୁବ୍ ବ୍ଲେଣ୍ଡିଙ୍ଗ୍ ପ୍ଲାଣ୍ଟକୁ ଲୋକାର୍ପଣ କରିଛନ୍ତି । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ଶ୍ରୀ ମୋଦି ତାମିଲ୍‌ନାଡୁରେ ୩୭୦ କିଲୋମିଟର ଦୀର୍ଘ ୮୯ଟି ଗ୍ରାମୀଣ ରାସ୍ତାର ଉଦ୍‌ଘାଟନ କରିଛନ୍ତି । ସେ ୮୧ ନମ୍ବର ଜାତୀୟ ରାଜପଥର ଗଙ୍ଗେଇକୋଣ୍ଡା-ଚୋଲାପୁରମ୍ ନିକଟରେ ଏକ ଗ୍ରୀନ୍‌ଫିଲ୍ଡ୍ ବାଇପାସ୍‌ର ମଧ୍ୟ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକ ଭିତ୍ତିଭୂମି, ସ୍ୱଚ୍ଛ ଶକ୍ତି, ପେଟ୍ରୋଲିୟମ୍ ସମ୍ବନ୍ଧୀୟ ଉତ୍ପାଦନ, ରାଜପଥ,

ରେଳପଥ ଏବଂ ଗ୍ରାମୀଣ ରାସ୍ତା ସହିତ ଜଡ଼ିତ । ଏହି ପ୍ରକଳ୍ପଗୁଡ଼ିକ ଶକ୍ତି ଉପଲବ୍ଧତାକୁ ବୃଦ୍ଧି କରିବା ସହିତ ସଂଯୋଗୀକରଣରେ ଉନ୍ନତି ଆଣିବ ଏବଂ ତାମିଲ୍‌ନାଡୁର ଯୁବକମାନଙ୍କ ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତ ପେଟ୍ରୋଲିୟମ୍ ସିଟି ଗ୍ୟାସ୍ ବଣ୍ଟନ ନେଟ୍‌ୱାର୍କର ଶିଳାନ୍ୟାସ ହେଉଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଏଥିରେ ପ୍ରାୟ ୩ ହଜାର ୭ ଶହ କୋଟି ଟଙ୍କା ନିବେଶ ହୋଇଛି । ଏହା ପ୍ରାୟ ୯ ଲକ୍ଷ ପରିବାର ଏବଂ ଶହ ଶହ ବାଣିଜ୍ୟିକ ସଙ୍ଗଠନକୁ ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ୍ ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପି.ଏମ୍. - ଏର୍ଣ୍ଣାକୁଲମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କେରଳମ୍‌ର ଏର୍ଣ୍ଣାକୁଲମ୍‌ରେ ପ୍ରାୟ ୧୧ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଶ୍ରୀ ମୋଦି' ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍‌ର କୋଚି ରିଫାଇନାରୀରେ ପଲିପ୍ରୋପିଲିନ୍ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପରେ ୫ ହଜାର ୫ ଶହ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶ ହୋଇଛି । ଏହି ପଲିପ୍ରୋପିଲିନ୍ କେନ୍ଦ୍ରର ବାର୍ଷିକ ଉତ୍ପାଦନ କ୍ଷମତା ୪ ଶହ

କିଲୋ ଟନ୍ । ପଲିପ୍ରୋପିଲିନ୍ ହେଉଛି ପ୍ୟାକେଜିଂ, ଅଟୋମେଟିକ୍ ଉପାଦାନ, ଚିକିତ୍ସା ଉପକରଣ, ବୟନ ଏବଂ ଘରୋଇ ଉତ୍ପାଦନେର ବ୍ୟବହୃତ ଏକ ଅତ୍ୟାବଶ୍ୟକ ସାମଗ୍ରୀ । ଏତଦ୍‌ବ୍ୟତୀତ ସଡ଼କ ଭିତ୍ତିଭୂମି କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଦୁଇଟି ପ୍ରମୁଖ ରାଜପଥ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ପ୍ରଥମଟି ହେଉଛି ୬୬ ନମ୍ବର ଜାତୀୟ ରାଜପଥର ଥାଲପାଡ଼ି-ଚେଙ୍ଗ୍‌ଲା ସେକ୍ସନର ୬ ଲେନ୍, ଏଥିରେ ୨ ହଜାର ୬୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି । ଏହି ସେକ୍ସନ ମୁମ୍ବାଇ-କନ୍ୟାକୁମାରୀ ଅର୍ଥନୈତିକ କରିଡରର ଏକ ଅଂଶ, ଯାହା କାରସଗୋଡ଼ ଏବଂ କନ୍ନୁର ଜିଲ୍ଲା ଓ ମାଙ୍ଗାଲୋର ଏବଂ ମୁଝାପିଲାଙ୍ଗଡ଼ ସମେତ ପଡ଼ୋଶୀ ଅଞ୍ଚଳ ମଧ୍ୟରେ ଯୋଗାଯୋଗକୁ ସୁଦୃଢ଼ କରିବ । ଦ୍ୱିତୀୟ ପ୍ରକଳ୍ପ ହେଉଛି ଭେଙ୍ଗାଲମ୍‌ରୁ ରାମନାଟ୍ଟୁକାରା ପର୍ଯ୍ୟନ୍ତ କୋଝିକୋଡ୍ ବାଇପାସ୍‌ର ୬ ଲେନ୍ ନିର୍ମାଣ । ଏହି ପ୍ରକଳ୍ପରେ ପ୍ରାୟ ୨ ହଜାର ୧୪୦ କୋଟି ଟଙ୍କା ବିନିଯୋଗ ହୋଇଛି । ପରେ ପ୍ରଧାନମନ୍ତ୍ରୀ ଏର୍ଣ୍ଣାକୁଲମ୍‌ଠାରେ ଏକ ଜନସଭାକୁ ସମ୍ବୋଧନ କରିଥିଲେ ।

## ୱେଷ୍ଟ ଏସିଆ - ବ୍ରିଫ୍

ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଭାରତର ଅଶୋଧିତ ତୈଳ ଯୋଗାଣ ସୁରକ୍ଷିତ ରହିଛି ।

ଦେଶର ପ୍ରାୟ ୭୦ ପ୍ରତିଶତ ଅଶୋଧିତ ତୈଳ ଆମଦାନୀ ବର୍ତ୍ତମାନ ହର୍ମୁଜ୍ ପ୍ରଣାଳୀ ବାହାରୁ ଆସୁଛି । ନୂଆଦିଲ୍ଲୀରେ ପଶ୍ଚିମ ଏସିଆର ସାମ୍ପ୍ରତିକ ବିକାଶ ଉପରେ ଆନ୍ତଃ ମନ୍ତ୍ରଣାଳୟକୁ ଅବଗତ କରାଇ ଯୁଗ୍ମ ସଚିବ କହିଛନ୍ତି, ସୁରକ୍ଷିତ ଅଶୋଧିତ ତୈଳର ପରିମାଣ ସାଧାରଣତଃ ହର୍ମୁଜ୍ ପ୍ରଣାଳୀ ଦେଇ ଆସୁଥିବା ଅଶୋଧିତ ତୈଳଠାରୁ ଅଧିକ । ସେ କହିଛନ୍ତି, ଦେଶ ସମ୍ପ୍ରତି ୪୦ଟି ରାଷ୍ଟ୍ରରୁ ଅଶୋଧିତ ତୈଳ ଆମଦାନୀ କରୁଛି ଏବଂ ତୈଳ ବିପଣନ କମ୍ପାନୀଗୁଡ଼ିକ ବିଭିନ୍ନ ଉତ୍ସ ମାଧ୍ୟମରେ ଏହାକୁ ସୁରକ୍ଷିତ କରିଛନ୍ତି । ଯୁଗ୍ମ ସଚିବ କହିଛନ୍ତି, ଦେଶର ଗ୍ୟାସ୍ କମ୍ପାନୀଗୁଡ଼ିକ ନୂତନ ଉତ୍ସରୁ ଏଲ୍.ଏନ୍.ଜି. କାର୍ଗୋ ସଂଗ୍ରହ କରିଛନ୍ତି । ଦୁଇଟି ଏଲ୍.ଏନ୍.ଜି. କାର୍ଗୋ ଭାରତକୁ ଆସୁଛି ।

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା କହିଛନ୍ତି, ବର୍ତ୍ତମାନ ପାରସ୍ୟ ଉପସାଗରରେ ୨୮ଟି ଭାରତୀୟ ଜାହାଜ କାର୍ଯ୍ୟ କରୁଛି, ଯେଉଁଥିରେ ୭୭୮ ଜଣ ଭାରତୀୟ ନାବିକ ଅଛନ୍ତି । ସେ କହିଛନ୍ତି, ସରକାର ଏହି ସମସ୍ତ ଜାହାଜ ଏବଂ କର୍ମଚାରୀଙ୍କ ସୁରକ୍ଷାପାଇଁ ସକ୍ରିୟ ଭାବେ ତଦାରଖ କରୁଛନ୍ତି ।

## ଏସ୍.ସି. - ୟୁଥାନାସିଆ

ସୁପ୍ରିମ୍‌କୋର୍ଟ ଆଜି ପାସିଭ୍ ୟୁଥାନାସିଆ ବା ନିଷ୍କ୍ରିୟ ଇଚ୍ଛାମୃତ୍ୟୁକୁ ପ୍ରଥମ ଥର ଲାଗି ଅନୁମତି ପ୍ରଦାନ କରିଛନ୍ତି । ୧୨ ବର୍ଷରୁ ଅଧିକ ସମୟ ଧରି

କୋମା ଅବସ୍ଥାରେ ଥିବା ଗାଜିଆବାଦ ବାସିନ୍ଦା ୩୨ ବର୍ଷୀୟ ହରୀଶ ରାଣାଙ୍କ କୃତ୍ରିମ ଜୀବନ ରକ୍ଷାକାରୀ ସୁବିଧା ପ୍ରତ୍ୟାହାର କରିବାକୁ ଅଦାଲତ ଅନୁମତି ଦେଇଛନ୍ତି । ଜଷ୍ଟିସ୍ ଜେ.ବି. ପାର୍ଦିୱାଲା ଏବଂ ଜଷ୍ଟିସ୍ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ଶ୍ରୀ ରାଣାଙ୍କୁ ପାଲିଏଟିଭ୍ କେୟାର୍‌ରେ ରଖିବାକୁ ଦିଲ୍ଲୀ ଏମ୍‌ସ୍‌କୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାଦ୍ୱାରା ଚିକିତ୍ସା ପ୍ରତ୍ୟାହାର କରାଯାଇପାରିବ ।

## ଏସ୍. ଜୟଶଙ୍କର - ୱେଷ୍ଟ ଏସିଆ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ପଶ୍ଚିମ ଏସିଆ ସଂଘର୍ଷ ଉପରେ ତାଙ୍କ ଫ୍ରାନ୍‌ସ ପ୍ରତିପକ୍ଷ ଜିନ୍ ନୋଏଲ୍ ବାରଟ୍ ଏବଂ ରୁଷ୍ ପ୍ରତିପକ୍ଷ ସର୍ଗେଇ ଲାଭ୍‌ରୋଭ୍‌ଙ୍କ ସହ ପୃଥକ୍ ପୃଥକ୍ ଭାବେ ଆଲୋଚନା କରିଛନ୍ତି । ଡକ୍ଟର ଜୟଶଙ୍କର ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ସୂଚନା ଦେଇଛନ୍ତି ।

## ଏଲ୍.ଏସ୍. ରିଜୋଲ୍ୟୁସନ୍ - ଓମ୍ ବିର୍ଲା

ଲୋକସଭାରେ ଆଜି ବାଚସ୍ପତି ଓମ୍ ବିର୍ଲାଙ୍କୁ ପଦରୁ ଅନ୍ତର କରିବା ନେଇ ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ ହୋଇଛି । ଆଲୋଚନାର ଉତ୍ତର ଦେଇ ବରିଷ୍ଠ ବି.ଜେ.ପି. ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ବିରୋଧୀ ଦଳଦ୍ୱାରା ବାଚସ୍ପତିଙ୍କ ସାଧୁତା ଉପରେ ପ୍ରଶ୍ନ ଉଠାଇବା ଦୁର୍ଭାଗ୍ୟଜନକ । ପ୍ରାୟ ଚାରି ଦଶନ୍ଧି ପରେ ଲୋକସଭା ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି । ତେଣୁ ଏହା ସଂସଦୀୟ ରାଜନୀତି ଏବଂ ସଦନ ଉଭୟ ପାଇଁ ଏକ ଦୁଃଖଦ ଘଟଣା । ସେ ଦୃଢ଼ତାର ସହ କହିଛନ୍ତି, ବାଚସ୍ପତି କୌଣସି ରାଜନୈତିକ ଦଳର ନୁହନ୍ତି; ବରଂ ସେ ସଦନର । ଶ୍ରୀ ଶାହା କହିଛନ୍ତି, ବି.ଜେ.ପି. ଏବଂ ଏନ୍.ଡି.ଏ. କେବେ ବି ଲୋକସଭା ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ନାହାନ୍ତି । ବାଚସ୍ପତିଙ୍କ ସାଧୁତା ସନ୍ଦେହ ବଳୟର ବାହାରେ ବୋଲି ଦଳ ବିଶ୍ୱାସ କରେ । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଯେତେବେଳେ ସଦନର ସଂରକ୍ଷକଙ୍କ ବିରୋଧରେ ଅଭିଯୋଗ ଆସେ, ଏହା ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଏ । ପୂର୍ବରୁ ଆଲୋଚନାରେ ଅଂଶଗ୍ରହଣ କରି ବି.ଜେ.ପି.ର ରବିଶଙ୍କର ପ୍ରସାଦ କହିଛନ୍ତି, ବିରୋଧୀ ଦଳର କିଛି ନେତାଙ୍କ ଅହଂକାରକୁ ପୂରଣ କରିବାପାଇଁ ବିରୋଧୀ ଦଳ ଏହି ପ୍ରସ୍ତାବ ଆଣିଛି । ସେ କହିଛନ୍ତି, ବିଗତ ୭୨ ବର୍ଷ ମଧ୍ୟରେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ କେବଳ ୨ ଥର ବିତର୍କ ହୋଇଛି ।

ସଦନରେ ଅନାସ୍ଥା ପ୍ରସ୍ତାବ ଉପରେ କଂଗ୍ରେସର କେ.ସି. ବେଣୁଗୋପାଳ, ଡକ୍ଟର ମହମ୍ମଦ ଜାୱେଦ୍, ସମାଜବାଦୀ ପାର୍ଟିର ଆନନ୍ଦ ଭଦୌରିଆ ଓ ବି.ଜେ.ପି.ର ଅନୁରାଗ ସିଂ ଠାକୁର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ଆର୍.ଏସ୍. - ରୁରାଲ୍ ଡେଭ୍ଲପ୍ମେଣ୍ଟ

ରାଜ୍ୟସଭାରେ ଆଜି ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର କାର୍ଯ୍ୟପନ୍ଥା ଉପରେ ପୁନର୍ବାର ଆଲୋଚନା ଆରମ୍ଭ ହୋଇଛି । ଆଲୋଚନାରେ ଭାଗ ନେଇ ବି.ଜେ.ପି.ର ରେଖା ଶର୍ମା କହିଛନ୍ତି, ସରକାର’ ଦେଶର ଗ୍ରାମୀଣ କ୍ଷେତ୍ରରେ ବାସ କରୁଥିବା ୬୫ ପ୍ରତିଶତ ଜନସଂଖ୍ୟାର ଜୀବନ ଧାରଣର ମାନରେ ପରିବର୍ତ୍ତନ ଆଣିଛନ୍ତି ।  ସେ କହିଛନ୍ତି, ଭାରତର ସଭ୍ୟତାଗତ ଜ୍ଞାନ ସବୁବେଳେ ଗାଁକୁ ଚିହ୍ନିତ କରିଛି । ମୋଦି ସରକାର ଗ୍ରାମୀଣ ଭାରତର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ କେନ୍ଦ୍ରୀୟ ବଜେଟ୍‌ରେ ଏଥିପାଇଁ ୧ ଲକ୍ଷ ୯୪ ହଜାର କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ଏହା ଗ୍ରାମୀଣ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଜୀବିକା ସୃଷ୍ଟି କରିବା ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ସୁନିଶ୍ଚିତ କରିବାପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ସାଂସଦ ଶର୍ମା କହିଛନ୍ତି ।

ଏହି ଆଲୋଚନାରେ ଆପ୍‌ର ସଞ୍ଜୟ ସିଂହ, ସି.ପି.ଆଇ.ର ପି.ପି. ସୁନିର୍, ସନ୍ତୋଷ କୁମାର ପି, ଡି.ଏମ୍.କେ.ର ତିରୁଚି ଶିବା, ଶିବସେନା ୟୁ.ବି.ଟି.ର ପ୍ରିୟଙ୍କା ଚତୁର୍ବେଦୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଆଲୋଚନା ଅସମ୍ପୂର୍ଣ୍ଣ ରହିଲା ପରେ ସଦନରେ ସ୍ୱତନ୍ତ୍ର ଉଲ୍ଲେଖ ଗ୍ରହଣ କରାଯାଇଥିଲା । ପରେ ଗୃହକୁ ଦିନକପାଇଁ ମୁଲତବୀ ରଖାଯାଇଥିଲା ।

## ସ୍ୱିସ୍ ଓପନ୍

ସ୍ୱିସ୍ ଓପନ୍ ବ୍ୟାଡ୍‌ମିଣ୍ଟନ-୨୦୨୬ର ପୁରୁଷ ସିଙ୍ଗଲ୍‌ସରେ ଏଚ୍.ଏସ୍. ପ୍ରଣୟ ଆଜି ଜାପାନର କୋକି ୱାଟାନାବେଙ୍କୁ ଭେଟିବେ । ସେହିପରି କିଦାମ୍ବୀ ଶ୍ରୀକାନ୍ତ ହଂକଂର ଜାସନ୍ ଗୁଣାୱାନ୍‌ଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । କିରଣ ଜର୍ଜ ସିଙ୍ଗାପୁରର ଲୋହ କିନ୍ ୟୁ'ଙ୍କ ସହ ଏବଂ ଆୟୁଷ ସେଟ୍ଟି କାନାଡ଼ାର ବ୍ରାଏନ୍ ୟାଙ୍ଗ୍‌ଙ୍କ ବିପକ୍ଷରେ ଖେଳିବେ ।

ମାଳବିକା ବଂଶୋଡ୍ ତାଙ୍କର ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡର ପର୍ଣ୍ଣପାୱି ଚୋଚୁୱଙ୍ଗ୍‌ଙ୍କ ବିପକ୍ଷରେ ଖେଳିବ ।

*****